| | | | |
|---|---|---|---|
| <?xml version="1.0" ?> | | | |
| <?xml-stylesheet type="text/css" href="home.css"?> | | | |
| <Doc id="ori-w-media- | OR00068 | " | lang="Oriya"> |
| <Header type="text"> | | | |
| <encodingDesc> | | | |
| <projectDesc> | CIIL-Oriya Corpora, Monolingual Written Text | | </projectDesc> |
| <samplingDesc> | Simple written text only has been transcribed. Diagrams, pictures, tables and verses have been omitted. Samples taken from page 10-11, 26-27, 32-33, 46-47, 54-55, 62-63, 74-75, 88-89, 98-99, 106-107, 123 | | </samplingDesc> |
| </encodingDesc> | | | |
| <sourceDesc><br><biblStruct><br><source> | | | |
| | <category> | Aesthetics | </category> |
| | <subcategory> | Literature – Novels | </subcategory> |
| | <text> | Book | </text> |
| | <title> | anweSAra DAeri | </title> |
| | <vol> | | </vol> |
| | <issue> | | </issue> |
| </source> | | | |
| <textDes> | | | |
| | <type> | | </type> |
| | <headline> | | </headline> |
| | <author> | shrImatI jYotirmaYI mahAnti | </author> |
| | <words> | 4732 | </words> |
| </textDes> | | | |
| <imprint> | | | |
| | <pubPlace> | India-Cuttack | </pubPlace> |
| | <publisher> | phreNDs pablisharsa | </publisher> |
| | <pubDate> | 2000 | </pubDate> |
| </imprint> | | | |
| <idno type="CIIL code"> | | CIIL 66013 | </idno> |
| <index> | | OR00068 | </index> |
| </biblStruct><br></sourceDesc> | | | |
| <profileDesc><br><creation> | | | |
| | <date> | 8-May-2009 | </date> |
| | <inputter> | Sunil Kumar Pattanayak | </inputter> |
| | <proof> | Pramod Kumar Rout, Kshirod kumar Das | </proof> |
| </creation> | | | |
| <langUsage> | | Oriya | </langUsage> |
| <wsdUsage> | | | |
| <writingSystem id="ISO/IEC 10646">Universal Multiple-Octet Coded Character Set (UCS). </writingSystem> | | | |
| </wsdUsage> | | | |
| <textClass> | | | |
| <channel mode="w"> | | Print | </channel> |
| <domain type="public"> | | | </domain> |
| </textClass><br></profileDesc> | | | |

| | | |
|---|---|---|
| </Header> | | |
| <text><body> | | |
| <p> | ସେଦିନ ଆମ ଡିପାର୍ଟମେଣ୍ଟରେ ବାର୍ଷିକୋତ୍ସବ । ମୁଁ କ'ଣ ଜାଣିଥିଲି ସେଦିନ ସଭାର ଅନ୍ୟତମ ଅତିଥି ଆପଣ ବୋଲି ? ମଞ୍ଚ ଉପରେ ଠିଆହୋଇ ସାଂସ୍କୃତିକ କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱ ଥାଏ ମୋର । ନିମନ୍ତ୍ରିତ ବିଶିଷ୍ଟ ଅତିଥିମାନଙ୍କ ସଭା ପରିସମାପ୍ତି ପରେ ସଙ୍ଗେ ସଙ୍ଗେ ସାଂସ୍କୃତିକ କାର୍ଯ୍ୟକ୍ରମ । ସେଥିପାଇଁ ସ୍କ୍ରିନ୍‌ର ଆଢୁଆଳରେ ରହି ତାର ପୂର୍ଣ୍ଣ ସଫଳତା ପାଇଁ ଚେଷ୍ଟା କରୁଥାଏ ... ଭାରି ତରବରିଆ ଭାବେ ସେମାନେ ପ୍ରୋଗ୍ରାମ୍‌ଟିକୁ ଶିଖିଛନ୍ତିତ ... ମୁଁ ପୁଣି ଲେଖିଛି ... । ଶୁଣିଥିଲି ଆପଣ ଜଣେ ଲେଖକ ମଧ୍ୟ ... ତେଣୁ ମୋର ଯଦି କିଛି ଭୁଲ ଭଟକା ବାଛି ଦିଅନ୍ତି ... ଦେଖୁ ଦେଖୁ ଭାରି ଡ଼ରିଗଲି ମୁଁ । ମନକୁ ବୁଝାଇଲି ... ଖୁସି ହେବାର କଥା ... ମୋର ଉତ୍ସାହ ପ୍ରେରଣାର ଯିଏ ପ୍ରାଣକେନ୍ଦ୍ର, ତାଙ୍କୁ ସମ୍ମୁଖରେ ଦେଖି ମୁଁ ଏମିତି ଡ଼ରିଯାଉଛି କାହିଁକି ? ଆମ ପ୍ରେସିଡ଼େଣ୍ଟ ସଦାନନ୍ଦ ଘୋଷଣା କଲା ଆଜି ମନୋରମ ସଂଧ୍ୟାର ଅତିଥିମାନେ ସମସ୍ତେ ଆସନ ଅଳଙ୍କୃତ କଲେଣି । ମୁଁ ତ୍ରିଲୋଚନ ସାରଙ୍କ ପାଖରେ ବସିଥିବା ଜଣେ ଆଦର୍ଶ ବ୍ୟକ୍ତିତ୍ୱଙ୍କୁ ଡାକିଆଣିଛି ଆଜି ଆମ ଭିତରକୁ ... ସେ ଅତି ସହଜରେ ଅତିଥିର ଆସନଟିଏ ବାଛିନେଇ ଥିବାରୁ ମୁଁ ଅନ୍ତରର କୃତଜ୍ଞତା ଜଣାଉଛି । ସେ ଆମର ଅତି ପରିଚିତ ... ଡାକ୍ତର ପବିତ୍ର ପ୍ରସାଦ ଦାସ । ଯିଏ ସୁନାମର ଶୀର୍ଷରେ ପହଞ୍ଚିଛନ୍ତି ... ଆଉ ବର୍ତ୍ତମାନ ... ଆଉ ... ଆପଣ ପ୍ରତିବାଦ କଲେ ... ମୁଁ ପରଦା ପଛରେ ଦେଖୁଥାଏ ଏସବୁ ଦୃଶ୍ୟ । ଆପଣଙ୍କ ବକ୍ତବ୍ୟର ଆରମ୍ଭରୁ ଶେଷଯାଏ ଶାନ୍ତ ଅବିଚଳିତ ଭାବେ ଠିଆହୋଇଥିଲି ବିମୁଗ୍ଧ ନୟନରେ । କଠୋର ନିଷ୍ପତ୍ତି ବିଷୟରେ ଆପଣ ସୂଚନା ଦେଇଗଲେ । ସ୍ତମ୍ଭୀଭୂତ ହୋଇଗଲେ ଅନ୍ୟମାନେ ... ଆପଣଙ୍କ ବକ୍ତୃତାର ସତ୍ୟତା ଯେ କେତେଯାଏ ସୀମାବଦ୍ଧ, ଏସବୁ ଯୁକ୍ତି କରିବା ପାଇଁ କାହାର ଭାଷା ନଥିଲା... । ଆପଣ କହୁଥିଲେ କଷ୍ଟ ସ୍ୱୀକାର ନକଲେ କୌଣସି ବଡ଼ କାମ କରିହେବ ନାହିଁ । ଆଜିଠୁ ଯୁବସମାଜ ଯଦି କର୍ମଭୀରୁ ହୁଏ ... ପରିବର୍ତ୍ତନ ନାଁରେ କୁପରିବର୍ତ୍ତନକୁ ବରିନେଇ ଉନ୍ନତ ଆଧୁନିକତାର ଡିଣ୍ଡିମ ପିଟେ ତେବେ ପୁଣି ସେଇ ଆଶାନ୍ତି, ଦୁଃଖର କେତେଟା ସମସ୍ୟାକୁ ଦୋହରେଇବା ହିଁ ସାର ହେବ । ଚେଷ୍ଟା ନକରି ଏତେ ଅବିଶ୍ୱାସ କାହିଁକି ? କୁଣ୍ଠା କାହିଁକି ? ନିଷ୍ଠା ସାଧୁତା ଆପେ ଆପେ ଯୋଗ୍ୟତା ଆଣିଦେବ ... ସମ୍ମାନର ଅଧିକାରୀ ଆପେ ଆପେ ହେବ ... ଶହ ଶହ ଜନତା ଢାଳିଦେବେ ଆଶୀର୍ବାଦ । ଭଲ ଡାକ୍ତରଟିଏ ହେଲେ କେବେ ପେଟ ଅପୋଷା ରହିବନି । ହେଲେ କେବଳ ଅଜସ୍ର ପଇସା ରୋଜଗାର କରିବା .. ଧନସମ୍ପଦର ପ୍ରାଚୁର୍ଯ୍ୟରେ ବୁଡ଼ିରହିବା ଉଦ୍ଦେଶ୍ୟ ଯଦି ହୁଏ ତେବେ ଡାକ୍ତରୀ ନ ପଢ଼ିବା ହିଁ ଭଲ ... ଫିସ୍ ବଢ଼ାଇ ଟଙ୍କା ଗଣିବା ଯଦି ନିଶା ହୁଏ ତେବେ ସମ୍ମାନ ନଚାହିଁବା ଭଲ । ଗରିବ ଲୋକଟି ହେଉ ପଛେ ... ନିରାଶ୍ରୟ ଲୋକ ହେଉ ପଛେ, ତୁମ ଚିକିତ୍ସାରେ ଆରୋଗ୍ୟ ଲାଭ କଲେ ତା'ର ଆଶୀର୍ବାଦ ସ୍ନେହ ତୁମକୁ ପ୍ରେରଣା ଦେବ । ତା'ର ଯନ୍ତ୍ରଣାକୁ ଲାଘବ କଲେ ସେ ଈଶ୍ୱରଙ୍କୁ ନିଶ୍ଚୟ ଜଣାଇବ ତୁମକୁ ଯଶସ୍ୱୀ କରିବା ପାଇଁ ... ମଙ୍ଗଳରେ ରଖିବା ପାଇଁ । | </p> |
| <p> | ଅମୃତ ବାଣୀ ଭଳି ଅନ୍ତରରେ ସାଇତି ରଖୁଥିଲି ଆପଣଙ୍କ ପ୍ରତି ଶବ୍ଦକୁ । ଭୁଲି ଯାଇଥିଲି ଆପଣଙ୍କ ବକ୍ତବ୍ୟ ପରେ ହିଁ ସଭାର ପରିସମାପ୍ତି ଘଟିବ ବୋଲି । ଶିହରୀ ଉଠୁଥିଲା ମନପ୍ରାଣ । ପୁଲକିତ ହେଉଥିଲା ଅନ୍ତର । ଧୀରେ ଧୀରେ ଗହଳି ବେଶ୍ ଜମିଉଠିଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ । ଆପଣ ବିଦାୟ ନେବେ ବୋଲି ତରତର ହେଲାବେଳେ ମନ ଭୀଷଣ ଦୁଃଖ ହେଉଥିଲା । ଛୋଟ କାଗଜଟିରେ ଲେଖି ପ୍ରେସିଡେଣ୍ଟ ହାତରେ ପଠାଇଥିଲି ... ସାଂସ୍କୃତିକ କାର୍ଯ୍ୟକ୍ରମର ଆରମ୍ଭରୁ ଟିକେ ଦେଖିବା ପାଇଁ । ତା'ପରେ ଆପଣ ଗଲେ ନାହିଁ ... ଛୋଟିଆ ବିଜୟ ହେଲା ମୋର । | </p> |
| <p> | ବିଶୁ ଅଜାଙ୍କ ଆଖିରେ ଆଖିଏ ସ୍ୱପ୍ନ – ତାଙ୍କ ନାତି ନାତୁଣୀମାନେ ବଡ଼ ମଣିଷ ହେବେ । ସକାଳେ | </p> |

| | | |
|---|---|---|
| | ସପ ପାରିଦେଇ କାହା ଖଳାରେ କି ଖରାବେଳେ କାହା ପିଣ୍ଡାରେ ଗପ କହୁ କହୁ ବିଶୁଅଜାଙ୍କ ଲମ୍ବା ଲମ୍ବା ଦୀର୍ଘଶ୍ୱାସକୁ ଯିଏ ମନଦେଇ ବୁଝେ ସିଏ ଜୀବନର ଭିନ୍ନ ଭିନ୍ନ ମୋଡ଼ରେ ତାଙ୍କ ପାଖରେ ପହଞ୍ଚେ ... । ମୋ ଚିନ୍ତାର ପରିସର ଆଜି ଯେମିତି ବ୍ୟାପ୍ତ, ସେମିତି ସେଦିନ ସବୁରେ ଆପଣ ଏମିତି ଭାବୁଥିଲେ କି ନାହିଁ କେଜାଣି ? ସେଦିନ ସବୁର ଘଟଣାମାନଙ୍କରେ ମୁ ନିର୍ବାକ୍ ପାଲଟି ଯାଇଥିଲି... ବିଶୁଅଜାଙ୍କର ଥରିଲା କଣ୍ଠ ଦେଖି ମୋର ପ୍ରବଳ ଭୟ ଆସେ ମୁଁ ବି ଏମିତି ଅବଶୋଷରେ ମରିଯିବିନି ତ !!! ଜୀବନ ପ୍ରତି ଉତ୍କଣ୍ଠା କମିଗଲା ବେଳେ ଆପଣ ମନେପଡ଼ନ୍ତି ବୋଲିତ ... ଅଶାନ୍ତ ଅବସାଦ ଭଉଁରୀରୁ ମୁଁ ପୁଣି ସ୍ରୋତ ପାଲଟିଯାଏ । | |
| <p> | ସେଦିନ ବିଶୁଅଜା କୋହ ଉଠେଇ କାନ୍ଦୁଥିଲେ । ଭାରି କରୁଣ ଥିଲା ତାଙ୍କ ମୁଖମଣ୍ଡଳ । ସାହିର ଅନେକ ଲୋକ ତାଙ୍କ ଚାରିପଟେ ରୁଣ୍ଡ ହୋଇଥିଲେ । ମୋ ବୋଉକୁ ଝିଅ କରିଥିଲେ ସେ । ଲେମ୍ବୁପାଣି ଚାମଚରେ ତାଙ୍କ ପାଟିରେ ଦେଇ ବୋଉ କହୁଥିଲା କାହାକୁ ଦେଖିବାକୁ ଚାହୁଁଛ କି ? ତାଙ୍କ ଆଖି ଖୋଜୁଥିଲା ଶ୍ୟାମ ଓ ସକିଲ୍‌କୁ । ଅସ୍ପଷ୍ଟ ସ୍ୱରରେ ସେ ଦୁହିଙ୍କ ନାଁ ସେ ଉଚ୍ଚାରଣ କରୁଥିଲେ । ଶ୍ୟାମ, ସକିଲ୍ ଓ ବିଶୁଅଜାଙ୍କ ଘନିଷ୍ଟତା ସମସ୍ତେ ଜାଣନ୍ତି । ଏ ତିନିହେଁ ତ ଗାଁ ଯୁବକସଂଘର ନେତୃତ୍ୱ ନେଇଥାନ୍ତି । ଅଜାଙ୍କର ସୁଚିନ୍ତିତ ପରାମର୍ଶରେ ଏ ଦୁହେଁ ଗାଁରେ ଅନେକ ଭଲକାମ କରାନ୍ତି । ପୋଖରୀରେ ଦଳସଫେଇ କରି ଉନ୍ନତ କିସମର ମାଛଠାରୁ ପଡ଼ିଆରେ ବୃକ୍ଷରୋପଣ କରିବା, ପାଠାଗାରଟିଏ ଖୋଲିବାଠାରୁ ଚକ୍ଷୁ ଚିକିତ୍ସା ଶିବିର ପକାଇବା ମୂଳରେ ଏଇ ତିନହେଁ ଥାଆନ୍ତି । ନଈବଢ଼ିରେ ଗରିବଗୁରୁବାଙ୍କ ଦୁଃଖ ବୁଝିବା ଓ ବିପଦ ଆପଦରେ ଲୋକଙ୍କ ପାଖରେ ଛାଏଁ ଛାଏଁ ପହଞ୍ଚିବା ପ୍ରଭୃତିରେ ବେଶ୍ ଆପଣାର ହୋଇଯାଇଥାନ୍ତି । ଗାଁରେ କ'ଣ କ'ଣ କାମ ହେବ ତାର ଏକ ତାଲିକା ଥାଏ ଯାହାର ଆଗରେ ଶ୍ୟାମ ଓ ସକିଲଙ୍କ ନାଁ । ଏ ଦୁହେଁ ବିଶୁଅଜାଙ୍କ ଦୁଇହାତ ... ଖୁବ୍ ପ୍ରିୟ । ମୋ ତଳ କ୍ଲାସରେ ପଢୁଥିଲେ ଦୁହେଁ । ହଷ୍ଟେଲରୁ ଆସିଲେ ତାଙ୍କ କାର୍ଯ୍ୟକ୍ରମର ବିବରଣୀ ଶୁଣାନ୍ତି ... ଭାରି ଖୁସି ଲାଗେ ବିଶୁଅଜା ଓ ସେ ଦୁହିଁଙ୍କୁ ଏକାଠି ଦେଖିଲେ । ବାପାହେରିକା ବି ବିଶୁଅଜାଙ୍କୁ ମାନନ୍ତି । ଚାକିରିରୁ ଅବସର ନେଲାପରେ ତାଙ୍କର ସବୁ ସମୟ ସେ ଢାଳିଦିଅନ୍ତି ଯୁବକ ସଂଘର କାର୍ଯ୍ୟକ୍ରମରେ । ବିଶୁଅଜାଙ୍କ କଥାରେ ଏମିତି କି ଯାଦୁ ଥାଏ କେଜାଣି, ଯିଏ ଶୁଣେ ଦଣ୍ଡେ ଅଟକିଯାଏ । ଦେଶ ସ୍ୱାଧୀନ ପୂର୍ବର ଲୋମହର୍ଷଣକାରୀ ସଂଗ୍ରାମର କଥାସବୁ ବର୍ଣ୍ଣନା କଲାବେଳେ ପାଠୁଆ ଅପାଠୁଆ ସମସ୍ତେ ତାଙ୍କ ମୁହଁକୁ ଚାହିଁଥାଆନ୍ତି । ହେଲେ ସେଦନ ବାକ୍‌ଶକ୍ତି ରୁଦ୍ଧ ହୋଇଯାଇଥାଏ ବିଶୁଅଜାଙ୍କର ... କେତେଦିନ ଧରି ଶଯ୍ୟାଶାୟୀ ବିଶୁଅଜାଙ୍କୁ ଲୋକମାନେ ଭେଟିବାକୁ ଆସୁଛନ୍ତି । | </p> |
| <p> | ମୁଁ ଛୁଟିରେ ତିନି ଚାରି ଦିନ ପାଇଁ ଘରକୁ ଯାଇ ଏମିତି ଗୋଟେ ଦୁଃସମ୍ବାଦ ଶୁଣିବି ବୋଲି କଳ୍ପନା କରିନଥିଲି । ଶ୍ୟାମ ଓ ସକିଲ୍ ବର୍ତ୍ତମାନ ପରସ୍ପରକୁ ଜୀବନରେ ମାରିଦେବାକୁ ସଂକଳ୍ପବଦ୍ଧ । ଦୁହେଁଯାକ ଫେରାର ... ଉଭୟେ ଉଭୟଙ୍କୁ ଖୋଜୁଛନ୍ତି । ସଂକୀର୍ଣ୍ଣ ସାମ୍ପ୍ରଦାୟିକତାଠାରୁ ଦୂରରେ ରହିବା ପାଇଁ ବାରମ୍ବାର ଅନୁରୋଧ କରୁଥିବା ଶ୍ୟାମ ଓ ସକିଲ୍ ଆଜି ସାମ୍ପ୍ରଦାୟିକ ଦଙ୍ଗାହଙ୍ଗମାର ପଚ୍ଚପୁରୋଧା ସାଜିଛନ୍ତି । ଗୋଟାଏ ଜାଗାରେ ମନ୍ଦିର ହେବ ନା ମସ୍‌ଜିଦ୍ ହେବ ଏ ଘଟଣା କୌଣସି ଏକ ସହରରେ ସମସ୍ୟା ପାଲଟି ଯାଇଛି । ବାରମ୍ବାର ରେଡ଼ିଓ ଓ ଖବରକାଗଜରେ ଆନ୍ଦୋଳନ, ମାଡ଼ଗୋଳ ଯୁଦ୍ଧର ଖବର ପ୍ରକାଶ ପାଉଛି । ହିନ୍ଦୁମାନେ ମନ୍ଦିର ପାଇଁ ଓ ମୁସଲମାନମାନେ ମସଜିଦ୍ ପାଇଁ ଜିଦ୍ ଧରି ବସିଛନ୍ତି । ନିର୍ଦ୍ଧିଷ୍ଟ ଜାଗାଠୁ ଟିପେ ବି କେହି ଛାଡ଼ିଦେବାକୁ ନାରାଜ । ଏ ସାମାନ୍ୟ ଘଟଣା ଶେଷରେ ଏଭଳି ବିରାଟ ରୂପ ନେବ ଓ ସମଗ୍ର ମୁଣ୍ଡବ୍ୟଥାର କାରଣ ହେବ କିଏ ଜାଣିଥିଲା ଏକଥା ... । | </p> |

| | | |
|---|---|---|
| <p> | ମୁଁ ପ୍ରକୃତିକୁ ଭାରି ଭଲପାଏ । ମୋ ଭିତରେ ଦୁର୍ବଳତାକୁ ମୁଁ ଅନୁଭବ କରେ ପାହାଡ଼ ପଛର ଅସ୍ତଗାମୀ ସୂର୍ଯ୍ୟ ପାଖରେ । ଛାତ ଉପରେ ଏକୁଟିଆ ବସି ବହିର ପୃଷ୍ଠା ଓଲଟାଉ ଥିଲା ବେଳେ ଅବା କିଛି ଗୋଟେ ଲେଖିଲା ବେଳେ ଦୃଷ୍ଟି ସ୍ଥିର ହୋଇଯାଏ ଠିକ୍ ସେଇ ଜାଗାଟିରେ । ଘରେ ଥିଲାବେଳେ ପ୍ରାୟ ପ୍ରତିଦିନ ଅପରାହ୍ନର ବିଦାୟ କାଳୀନ ସୂର୍ଯ୍ୟଙ୍କ ରକ୍ତିମ ଆଭା ... ଢେଉଢେଉକା ପାଣିର ରଙ୍ଗିନ୍ ପ୍ରତିଫଳନ ... ଖୁବ୍ ଦୂରରେ ଛୋଟିଆ ଧବଳ ମନ୍ଦିର ଓ ଛାଇ ଭଳି ଦିଶୁଥିବା ପାହାଡ଼ ଆଡ଼କୁ ଚାହିଁରହେ ଅପଲକ ନୟନରେ । ନଡ଼ିଆ ଗଛର ବାହୁଙ୍ଗା ଭିତରେ ଲୁଚି ଯାଆନ୍ତି ସୂର୍ଯ୍ୟ, ନଇଁଆସେ ସନ୍ଧ୍ୟା । ଦଳଦଳ ବଙ୍କିମ ରେଖାଭଳି ଉଡ଼ିଯାଆନ୍ତି ପକ୍ଷୀ, କାହିଁ କେତେଦୂର ଆଖି ପାଏନା ... । | </p> |
| <p> | ମୁଁ ଅନ୍ୟମନସ୍କ ହୋଇପଡ଼େ । ଭଗବାନ ଯେ ଜଣେ ଦକ୍ଷ ନିପୁଣ କଳାକାର ଓ ତାଙ୍କ କଳାକୌଶଳ ଏତେ ପ୍ରତିଭାଦୀପ୍ତ, ସେଥିପାଇଁ ଶତଶତ କୃତଜ୍ଞତା ଅଜାଡ଼ି ବସେ ମୁଁ ... । ମୋର ଏଇ ଦୁର୍ବଳତା କାହା ଆଖିରୁ ବାଦ୍ ଯାଇନି । ବାପା ବୋଉ କେବେ କୁଆଡ଼େ ବୁଲିଗଲେ ମୋତେ ସାଙ୍ଗରେ ନିଅନ୍ତି । ବନ୍ଧୁବାନ୍ଧବ ଚିଠିରେ ନିମନ୍ତ୍ରଣ କରନ୍ତି ତାଙ୍କ ସାଙ୍ଗେ ଅମୁକ ଅମୁକ ଜାଗା ଯିବାକୁ । ମୋ ସାଙ୍ଗସାଥିମାନେ ଏଇ ପ୍ରକୃତି ଭିତରେ ହଜିଯିବାକୁ ମୋର ସହଜରେ ଗ୍ରହଣ କରନ୍ତିନି । ବେଳେବେଳେ ପିକ୍ନିକ୍ ପାଇଁ ସ୍ଥାନ ନିରୂପଣରେ ସେମାନେ ପୁରୀ, ଲିଙ୍ଗରାଜ କହିଲାବେଳେ ମୁଁ ଚିଲିକା, ନନ୍ଦନକାନନ କହେ । ହସରେ ଉଡ଼େଇ ଦିଅନ୍ତି ମୋ ପ୍ରସ୍ତାବ ଏବଂ ଛିଗୁଲେଇ କହନ୍ତି ଜଙ୍ଗଲ ଭିତରେ କୁଡ଼ିଆ, ତା' ଭିତରେ ଜଣେ ରାଜକୁମାର ଯୋଗୀ ହୋଇ ରହିଛନ୍ତି ନା କ'ଣ ! ତାଙ୍କୁ ଭେଟିବାକୁ ଯିବୁ । ତାଙ୍କ ସହ ହସିଦିଏ ମାତ୍ର ମନଭିତରେ ବଣମୁଲକର ରାଜକୁମାରର ଚିତ୍ର ଆଙ୍କେ । ସବୁ ସମ୍ପର୍କର ଖିଅ ପାଖରେ ମୁଁ ସ୍ପଷ୍ଟ ହେଲେ ବି ଆପଣଙ୍କ ପାଖେ କେତେ ଅସ୍ପଷ୍ଟ । ଆପଣ ମୋର ଏ ଦୁର୍ବଳତାକୁ ଟିକିଏ ଗୁରୁତ୍ୱ ଦେଇଥିଲେ ଥରେ ବି କ'ଣ ଆପଣ ଆପଣଙ୍କର ବଣ ଜଙ୍ଗଲ ପାହାଡ଼ ଘେରା ସେ ନିଭୃତ ପଲ୍ଲୀକୁ ଥରେ ଡାକି ନଥାନ୍ତେ ... ! | </p> |
| <p> | ହଁ ଜୀବନର ଗୋଟାଏ ବିଡ଼ମ୍ବନା କରିବାକୁ ଯିବା ଆଗରୁ କ'ଣ ସବୁ ଲେଖି ଦେଲିଣି । ଶେଷବର୍ଷର ପରୀକ୍ଷା ଦେଇସାରିବା ପରେ ପରେ ମାଉସୀଙ୍କ ଝିଅ ବାହାଘର ସମ୍ବଲପୁର ଯାଇଥାଉ । ଲୀନା ଅପାର ବର ପାଟ୍ନାରେ ଇଞ୍ଜିନିୟର ଅଛନ୍ତି । ଭାରି ଧୁମ୍ଧାମରେ ବାହାଘର ହେଉଛି ... । ଘର ସଜାସଜି କିଛି ହୋଇନି ଛାମୁଡିଆ କି ପାଲ ଘେରା ହୋଇନି ... ପୂର୍ଣ୍ଣକୁମ୍ଭ ଆମ୍ବପତ୍ର କି ବେଦୀ ବନ୍ଧା ହୋଇନି, ସବୁ ବ୍ୟବସ୍ଥା ହୋଟେଲରେ । ଭଡ଼ା ନିଆଯାଇଛି ହୋଟେଲ ସୂରଜ ବହୁ ଅର୍ଥ ଅଗ୍ରୀମ ଦିଆଯାଇ । ସେଇଠି ପହଞ୍ଚିଲୁ ଆମେ ବାହାଘର ଦିନ ସକାଳୁ ସକାଳୁ । ଭାରି ରାଗ ହେଉଥିଲା ଲୀନା ଅପା ବାହାଘର ହୋଟେଲରେ କାହିଁକି ହେଲା... ଘରେ ହୋଇଥିଲେ କେତେ ଭଲ ହୋଇଥାନ୍ତା । ଅନେକ ମାପଚୁପ୍ ଓ ସମୟର ଅଭାବ ଭିତରେ କେମିତି ଖାପଛଡ଼ା ଲାଗୁଥିଲା ମୋତେ । ବରର ଆସିବା ବାଟକୁ ସମସ୍ତେ ଅନେଇ ବସିଥାନ୍ତି ଯଦିଓ ମଉସାଙ୍କ ତରଫରୁ ପ୍ରସେସନ୍ ଠିକ୍ ହୋଇଥାଏ । କାରରେ ବର ବସି ଆସିବା ବଦଳରେ ମଟର ସାଇକେଲ୍ରେ ଖବରଟିଏ ଆସିଲା । ମଉସା ଓ ବନ୍ଧୁବାନ୍ଧବମାନେ ରୁଣ୍ଡ ହୋଇ କ'ଣ ଶୁଣୁଥାଆନ୍ତି । ସବୁ ଆଡ଼େ କେମିତି ଗୁମ୍ସୁମ୍ ହୋଇଗଲା ଖୁବ୍ କମ୍ ସମୟ ଭିତରେ । ସମସ୍ତେ କୁହାକୁହି ହେଉଥାନ୍ତି 'ବାହାଘର ହେବନି' ବର ଆସୁନି । 'ବରର ଏ ବାହାଘର ପ୍ରତି ସମ୍ମତି ନାହିଁ' ବୋଲି ଖୁବ୍ ଗୋଟାଏ ଚର୍ଚ୍ଚାର ବିଷୟ ହୋଇଗଲା ଅନେକ ଆଶଙ୍କା ଭୟକୁ ପୁଞ୍ଜୀଭୂତ କରି । ମୁଁ ଚାହିଁଥାଏ ମଉସା ଓ ମାଉସୀଙ୍କ ବିକଳ ମୁହଁକୁ । ପାଗଳ ପ୍ରାୟ ଇତସ୍ତତଃ ଓ କ୍ରମେ ଜଡ଼ ପାଲଟି ଯାଉଥିବା ମଉସାଙ୍କୁ ସେତେବେଳେ ଯିଏବି ଦେଖିବ ସାନ୍ତ୍ୱନା କି ଭରସା ଦେବାକୁ ସାହାସ କରିପାରିବନି । ମୋର ଇଚ୍ଛା | </p> |

| | | |
|---|---|---|
| | ହେଉଥାଏ ସେ ଅନିମେଷ କିଏ ତାକୁ ଚାପୁଡ଼େ ପକାନ୍ତି । କହନ୍ତି ଏ ପ୍ରହସନ କ'ଣ ପାଇଁ ... ଆଗରୁ ମନା କଲନି । ଯଉତୁକ କିଛି କମ୍ ହେଲାକି ... ଇଏ ଗୋଟେ ଆଳ ନୁହେଁ ତ ? ଏଣେ ସ୍ତ୍ରୀ ଲୋକମାନଙ୍କ ଭିତରେ ଚୁପୁରୁ ଚାପୁରୁ ହେଲାଣି ମଙ୍ଗୁଳା କନ୍ୟା, କ'ଣ କରାଯିବ । ଏ କଥା ଠିକ୍ ଭାବେ ଲୀନା ଅପା କାନରେ ନ ପଡ଼ିଲେବି ପରିବେଶରୁ ସେ ସବୁ ବୁଝିଗଲାଣି ବୋଲି ମୁଁ ଭାବୁଥିଲି । ଏତେ ସୁନ୍ଦର ପରିବେଶ ଭିତରେ ହଠାତ୍ ମାଡ଼ିଆସିଲା କଳାମେଘ । ଆଶଙ୍କାର ବିଜୁଳି ଗରଜୁଥିଲା ଆତ୍ମୀୟ ସ୍ୱଜନମାନଙ୍କଠି । | |
| <p> | ନିଘଞ୍ଚ ଜଙ୍ଗଲ ଭିତରେ ସରୁ କଳା ରାସ୍ତା । ସେତେ ଭଲ ସୂର୍ଯ୍ୟାଲୋକ ପଡୁ ନଥାଏ ବଡ଼ ଗଛ ପତ୍ର ଅତିକ୍ରମ କରି । ଚାରିଆଡ଼ ଯୁଆଡ଼େ ଚାହିଁଲେ ଗଛ ଓ ସବୁଜିମା । ଅନେକ ଗଛରେ ଧଳାନାଲି ଅନାମୀ ଫୁଲମାନଙ୍କର ବିଚିତ୍ର ସମାବେଶ । ପେଣ୍ଡା ପେଣ୍ଡା ଫୁଲରେ ସମ୍ପୂର୍ଣ୍ଣ ଲାଲ୍ ହୋଇପଡ଼ିଥିବା ଗଛ ଗୁଡ଼ିକ ଅତି ଚମତ୍କାର ଦିଶୁଥାନ୍ତି । ଗୋଟେ ଗୋଟେ ଗଛ ତଳେ ମାଙ୍କଡ଼ମାନେ ଏତେ ନିର୍ଭୟରେ ବସିଥାଆନ୍ତି ଯେ ବସ୍‌ର ବିକଟାଳ ଶବ୍ଦ ମଧ୍ୟ ସେମାନଙ୍କ ହସଖୁସିରେ କୌଣସି ବ୍ୟାଘାତ କରୁନଥାଏ । ବସ୍ ଭିତରୁ ପ୍ରକୃତିର ଏ ମନୋରମ ସୌନ୍ଦର୍ଯ୍ୟକୁ ଦେଖି ଦେଖି ମୁଁ ଆତ୍ମବିଭୋର ଥାଏ । ପାଖରେ ବସିଥିବା ଝିଅଟି ଏ ଜଙ୍ଗଲ ସରିଗଲେ ଓହ୍ଲେଇବ ବୋଲି କହୁଥାଏ । ତା'ର ଭାଷା ବ୍ରହ୍ମପୁରୀ ନୁହେଁ କି କଟକୀ ନୁହେଁ । ମିଶାମିଶି କଥାଗୁଡ଼ା ତା କଣ୍ଠରେ ଭଲ ଲାଗୁଥାଏ । ନିହାତି ସରଳ ଝିଅଟିଏ । ଖୁବ୍ ସହଜରେ ସେ ମୋ ସାଙ୍ଗ ହୋଇଗଲା । ପଚାରୁ ପଚାରୁ ଜାଣିଲି ସେ ବାହା ହୋଇଛି ... ଯାଉଛି ମେଡ଼ିକାଲ । ପାହାଡ଼ୀ ଝରଣା ଝରିଗଲା ଭଳି ଝିଅଟାର ଖିଲିଖିଲି ହସ । କଥା ପଦକେ ହସିଦେଇ ମୁହଁଟାକୁ ତଳକୁ କରିଦେଉଥାଏ । ମୁଁ ତା ମୁହଁକୁ ନିରିଖେଇ ନିରିଖେଇ ତା ସୌନ୍ଦର୍ଯ୍ୟକୁ ମାପୁଥାଏ ... ଅଜାଣତରେ ତୁଳନା କରିପକାଉଥାଏ ମୋ ସାଙ୍ଗେ । | </p> |
| <p> | କାହିଁକି ମେଡିକାଲ୍ ଯାଉଛୁ ... ? ଉତ୍ତରରେ ସେ ପଛକୁ ଟିକେ ଚାହିଁଲା... ଅଳ୍ପ ହସିଲା ବି । ଜାଣିଲି ତା'ର ସ୍ୱାମୀ ସେ ... । ଖୁବ୍ ଅଳ୍ପ ବୟସ ଦିହିଁକି । ମୋ କାନ ପାଖକୁ ପାଖେଇ ଆସି କହିଲା ଚାରି ବର୍ଷ ହେଲା ବିଭାଘର ସରିଲାଣି ପିଲା ହେଉନି ... ପେଟରେ ଭାରି କଷ୍ଟ ହେଉଛି । ଗାଁ ଡାକତର ଓଷଦ ଖାଇଲେ ଟିକେ କମୁଛି ପୁଣି ବାହାରୁଛି ସିଏ (ତା' ସ୍ୱାମୀ) ଜମା ମତେ ଛାଡୁ ନଥିଲା ବଜାରର ଏ ଡାକତର କତିକି ... ଆଜି ସକାଳୁ ଛାଏଁ ଛାଏଁ କହିଲା ମତେ ଆସିବାକୁ ... !! | </p> |
| <p> | ମୋର ଭାରି ଦୟା ହେଉଥିଲା ଝିମିଲିକୁ । ରାଗ ଚିଡୁଥିଲା ତା' ସ୍ୱାମୀ ଉପରକୁ । ମୁଁ କହି ପକାଇଲି କେମିତିଆ ଲୋକକି ତୋ ସ୍ୱାମୀ ? ଝିମିଲି କହିଲା ... ସେ ବହୁତ ଭଲ । ପେଟ କଟାକଟି କଥା କିଏ ତାକୁ ଦିନେ କହିଲା ଦିନଠୁ ସେ ଭାରି ଡ଼ରିଯାଇଛି । ସେ ମୋତେ ଭାରି ସୁଖପାଏ । ମୋ ଆଖିରୁ ଟୋପାଏ ଲୁହ ଝରିଲେ ତା' ଦେହରୁ ଲହୁ ବୁହେ ଯେମିତି... । ଆଉ ପାଞ୍ଚ ଜଣଙ୍କ ଭଳି ସେ ମୋ ଦିହରେ ଦିନେ ହାତ ଦେଇନି... ପିଲା ହୋଇନି ବୋଲି ମନ ଦୁଃଖ କରେ ସିନା ମତେ ଦିନେ ଦୋଷ ଦେଇନି । ଲୋକବାକ ଯିଏ ଯାହା କହିଲେ ମତେ ଲୋକଙ୍କ କଥା ନଶୁଣିବାକୁ କହିଛି... ମୋ କରମକୁ ମତେ ସିଏ ମିଳିଛି । ସାଙ୍ଗେ ସାଙ୍ଗେ ହସୁଥିବା ଝିଅଟା ଆଖିରୁ ଟପ୍‌ଟପ୍ ଲୁହ ସବୁ ଝରିପଡ଼ିଲେ ତା କୋଳ ଉପରେ । ସାଙ୍ଗେ ସାଙ୍ଗେ ମାନସିକ ପ୍ରସ୍ତୁତ ନଥିଲା ମୋର ଭାବିବା ପାଇଁ ବି ଝିମିଲି କାନ୍ଦିଲାଣି ମୋତେ ତାକୁ ବୁଝାଇବାକୁ ହେବ ... । | </p> |
| <p> | ଭାରି ଭଲଲାଗୁଥାଏ ଝିମିଲିର ଅନୁରାଗଭରା ସ୍ୱର ଶୁଣିବାକୁ । ଆଗ୍ରହ ବଢୁଥାଏ ତା ସଂସାର ବିଷୟରେ ଜାଣିବାକୁ । ପଚାରିଲି ଘରେ ତୋ ଶାଶୁ ଶ୍ୱଶୁର ଆଉ କିଏ ... ନା କେହି ନାହାନ୍ତି ... ଇଏ ଛୁଆଟେ ହୋଇଥିଲା ସେମାନେ ମରିଗଲେ । ବାଡ଼ିରେ ପଣସଗଛ ଅଛି ... ଛୋଟିଆ ଚାଳିଆଟେ ... ଇଏ | </p> |

| | | |
|---|---|---|
| | କାମକୁ ଯାଏ, ମୁଁ ରୋଷେଇ କରେ... ରୋଷେଇ ସାରି ତା ଫେରିଲା ବାଟକୁ ଚାହିଁଥାଏ । ସଞ୍ଜ ହେଲାପରେ ଯଦି ସିଏ ନ ଆସେ ବହୁତ କାନ୍ଦେ ଯାହା । ସେ ଥିଲେ ଆଉ ମୋତେ କିଛି ଦୁଃଖ ଲାଗେନା । ସବୁଆଡ଼େ ଯେମିତି ଖୁସି ଆଉ ଖୁସି ... କଥାଟାକୁ ମୁଁ ପୂରଣ କଲି । ସେ ହସିଦେଲା । ମନ ଖୋଲି ଆଉଥରେ ତା ହସର କୁନି କୁନି ପାଖୁଡ଼ା ସବୁ ବିଞ୍ଚିହୋଇ ଯାଉଥିଲେ ମୋ ଚାରି ପାଖରେ । ତା ଛୋଟିଆ ସଂସାରର ହସ ଖୁସିର ସୁରଭିରେ ମିଠା ବାସ୍ନାକୁ ଆଘ୍ରାଣ କରିବାରେ ମଗ୍ନଥାଏ ଯେମିତି ... !! | |
| <p> | ଝିମିଲିର ସଂସାର ବଣ ଭିତରେ ଛୋଟିଆ ବସ୍ତିରେ । ତା କୁଡ଼ିଆ ..., ପଣସ, ପିଜୁଳି ଗଛ ... ଦାଣ୍ଡରେ ଛୋଟିଆ ଚଉଁରା ... ତା ଭିତରେ ଝିମିଲି ଭଳି ସୁନ୍ଦରୀ କୁନି ବୋହୂ ... ତା'ର ଏ ହୃଦୟବାନ ସ୍ୱାମୀ ... !! ମୁଁ ଛବିଟାଏ ଆଙ୍କୁଥାଏ ମନ ଭିତରେ ... ରଙ୍ଗତୂଳୀ ମନେ ମନେ ଖୋଜେ । ଆଙ୍କି ରଖି ପାରନ୍ତି କି ? ଏ ମଧୁର ଝଙ୍କାରଟିକୁ ... ପବିତ୍ର ଅନାବିଳ ଆନନ୍ଦ ଉଚ୍ଛ୍ୱାସକୁ ... । | </p> |
| <p> | ଦିବ୍ୟଜ୍ୟୋତିଙ୍କ ଚିଠି ମୋ ନାଁରେ ... ! ମୋ ପାଖରେ ଚିଠି ପହଞ୍ଚିଛି !! କେହି ବି ଖୋଲିନାହାନ୍ତି । ଦିବ୍ୟଜ୍ୟୋତିଙ୍କ ପାଇଁ ସ୍ପେଶାଲ କନ୍‌ସେସନ୍ ଆମ ପରିବାରର ଶୃଙ୍ଖଳାରେ । ସନ୍ତର୍ପଣରେ ଚିଠିଟି ଖୋଲିଲି । ଚିଠିଟି ଖୋଲିବା ଆଗରୁ ଭାରି ଉତ୍କଣ୍ଠା ଥିଲା ଦିବ୍ୟଜ୍ୟୋତିଙ୍କ ଶବ୍ଦପ୍ରତି ... ବାକ୍ୟପ୍ରତି । ପ୍ରଥମ ଧାଡ଼ିଟି ପଢ଼ି ଜାଣିଲି ଏଥର ଦିବ୍ୟଜ୍ୟୋତି ମୋ ଚିଠିର ଉତ୍ତର ଦେଇଛନ୍ତି... ! ପ୍ରଥମ ବାକ୍ୟ ଅନ୍ୱେଷା, ମୋର ନମସ୍କାର ନେବ । ସଚେତନ ହୋଇ ମନେ ପକାଇଲି ମୋ ଚିଠିର ବାକ୍ୟ ସବୁକୁ । ଦିବ୍ୟଜ୍ୟୋତିଙ୍କ ନରମ ଅନ୍ତରଟା କେମିତି ଭାରି ଜୋର ଜବରଦସ୍ତେ ଏମିତ କଠୋର ହୋଇ ପାରିଲା । ଦିବ୍ୟଜ୍ୟୋତି ଲେଖିଥିଲେ ମୋ ଜୀବନର ଅଭାବର ଏକା ପ୍ରକାର ସ୍ୱର ଭିତରେ ମୁଁ ଭିନ୍ନତା ଖୋଜୁଥିଲି । ସନ୍ତୁଳି ହେବା ସ୍ୱାଭାବିକ ଥିଲା ମୋ ପାଇଁ । ସେ ସ୍ୱାଭାବିକତା ଭିତରେ ବ୍ୟତିକ୍ରମ ଦେଖିବାକୁ ଚେଷ୍ଟାକରୁଥିଲି । ସେଇ ବୋଧେ ମୋର ଅପରାଧ ପାଲଟିଗଲା । ଏମିତି ଶାସ୍ତି ପାଇବି ବୋଲି ମୋର ଅବଶ୍ୟ ବିଶ୍ୱାସ ନଥିଲା ... ହଁ ଅନ୍ୱେଷା ଆସିବା ଦିନ ତୁମ ଛଳଛଳ ଆଖି ମୋତେ ଅନେକ ଆସ୍ଥା ଆଣି ଦେଇଥିଲା । ଭାବୁଥିଲି ବୋଧହୁଏ ଆମମାନଙ୍କର ବିଚ୍ଛେଦରେ ତୁମେ କାନ୍ଦୁଛ । ଚିଠିଟା ପଢ଼ିବା ପାଇଁ ଏକାନ୍ତ ମୁହୂର୍ତ୍ତ ଖୋଜୁଥିଲି । ଆସିଲା ବେଳକୁ ଆମ ମେସ୍‌ରେ ଭାରି ଗହଳି ... ଭୋଜିର ଆୟୋଜନ । ଚିଠିଟି ବହି ସେଲ୍‌ଫରେ କେଉଁଠି ରଖିଦେଲି ଯେ ଖୋଜି ଖୋଜି ନୟାନ୍ତ ହେଲାପରେ ବି ମିଳିଲାନି । ଅନିମେଷକୁ ଖୁବ୍ ଶୀଘ୍ର ବାହାଘର ପାଇଁ ଚିଠି ଲେଖିଲି । ହେଲେ ସମସ୍ତେ ପିକ୍‌ନିକ୍ ଚାଲିଗଲା ପରେ ତମ ଚିଠିରେ ତମର ଉପେକ୍ଷା ମୋତେ ଆଶ୍ଚର୍ଯ୍ୟ କରିଥିଲା ଅବଶ୍ୟ । ତେବେ ତମ ଆଖିର ଲୁହ ସେଦିନ ମୋର ଏମିତି ଶାସ୍ତି ପାଇଁ ଥିଲା । ତମର ସିଦ୍ଧାନ୍ତର ସ୍ୱର ଏତ ଦୃଢ଼ ଯେ ମୋର ସମସ୍ତ ଆବେଗ ସେଠି ତୁଚ୍ଛ ବୋଲି ଆକ୍ଷେପ କରି ଏମିତି ଚାହିଁଥିଲ ମୋତେ । ତମେ ବି ଭାବିଥିଲ କ'ଣ ଦୟା କରିଥାନ୍ତ ମୋତେ । ଦୟା କରିପାରିଲନି ବୋଲି ଦୁଃଖ କରୁଛ । ତୁମମାନଙ୍କ ଭଳି ସ୍ନେହ ମମତା ଅନୁକମ୍ପା ଆବେଗ ଅନୁରାଗ ଭିତରେ ଆମ ଜୀବନ–ଛାଞ୍ଚ ଗଢ଼ା ହୋଇନି । ପ୍ରତିକ୍ରିୟାର ଗହଳି ସବୁ ବେଶ୍ ଟାଣ କରିଛନ୍ତି ଛାତିଟାକୁ ... ! ଏ ଅପମାନ ଆକ୍ଷେପକୁ ମୁଁ ସହିନେବି ... ବଞ୍ଚିବି ଆୟୁଷ ପୂରିଲାଯାଏ... । ଏଥର ମୁଁ ଆଉ ଅନ୍ତରାୟ ନୁହେଁ ତମର ସିଦ୍ଧାନ୍ତ, ଆବେଗ, ପ୍ରେମ, ଅନୁରାଗ ଲକ୍ଷ୍ୟ ପାଇଁ ! ଭାବୁଛି କ୍ଷମା କରିବ ! | </p> |
| <p> | କିଏ ସାଥୀ ଆଉ କି ନଥାଉ ସହଜରେ କଥାଟା ଭାବି ପକାଏ ସିନା ଅନ୍ତର ଭିତର ମୋର ଥରିଉଠେ କଥାଟାରେ ... ମୁଁ ଏକୁଟିଆ ଏମିତି ଚାଲିପାରିବି ତ ଶେଷଯାଏ ... ଏବେ ବାପାବୋଉ ଅଛନ୍ତି ! ବାପାବୋଉଙ୍କ ପରେ କାହାର ସେହି ଆଶ୍ୱାସନା, ସାନ୍ତ୍ୱନାର ସ୍ପର୍ଶ ନପାଇ ମୁଁ ବଞ୍ଚି ପାରିବିତ **?** ମୁଁ ତ ମଣିଷ ... ଏମିତି ସଂପର୍କହୀନ ... ସାଥୀହୀନ ହୋଇ ଚାଲିପାରିବି ତ **??** ଏ ପ୍ରଶ୍ନ ମୋତେ କେମିତି | |

| | | |
|---|---|---|
| | ନିଶ୍ଚୁପ୍ କରିଦିଏ ... । ହେଲେ କର୍ମମୟ ଜୀବନ ଭିତରେ ଏ ପ୍ରଶ୍ନୋତ୍ତର ସବୁ ବେଳେବେଳେ ଆପେଆପେ ସ୍ଥିର ହୋଇ ଲିଭିଯାଆନ୍ତି । ଯଦିଓ ବାରମ୍ବାର ଅନେକ ବାର ଧାଡ଼ିଧାଡ଼ି ଏମିତି ପ୍ରଶ୍ନକୁ ମୁଁ ସାମ୍ନା କାନ୍ଥରେ କି ଆକାଶରେ ପଢୁଥାଏ ... । | |
| <p> | ଯିଏ ଯାହା ହେଉ ପଛେ ମୁଁ ଭଲ କାମ କରିଯିବି । ସାଧୁତା କର୍ମନିଷ୍ଠା ସହ ମୋ ଡାକ୍ତରୀ ଜୀବନର ପତ୍ୟେକଟି ମୁହୂର୍ତ୍ତ ମୁଁ ସାରିବି । ପୂର୍ଣ୍ଣପ୍ରାଣ ଦେଇ ସେବାକାରିଣୀଟିଏ ହୋଇ ହଜିଯିବି ଆତ୍ମାଶୂନ୍ୟ, ଭରସା ଶୂନ୍ୟ, ହତାଶା ଭରା ହୃଦୟ ଭିତରେ । କାହାପାଇଁ ଦରଦ, କାହାପାଇଁ ଅନୁକମ୍ପା, କାହାପାଇଁ ସ୍ନେହ ସୁଆଗ ହୋଇ ସେମାନଙ୍କୁ ହସାଇବା ପାଇଁ ଚେଷ୍ଟା କରିବି... ଏଇତ ସାର୍ଥକତା ... ! ସାର୍ଥକତା ସଂଜ୍ଞା ସଜାଡୁ ସଜାଡୁ ମୋ ଅଦୂର ଅତୀତର ବିଫଳତା ପାଇଁ ହାଲ୍କା ଦୀର୍ଘଶ୍ୱାସଟିଏ ମୋତେ ଚେତେଇଦିଏ... ଏତେ ଗୁଡ଼ାଏ ଆଶା ପୁଣି କରୁଛୁ, ହାରିଯିବୁନିତ ? ଏମିତି ଆଶା ନିରାଶା ... ପ୍ରଶ୍ନ ଉତ୍ତର ... ସଂକଳ୍ପ ସ୍ୱପ୍ନ ଭିତରେ ବାସ୍ତବତା ଅବଶ୍ୟ ମୋତେ ପ୍ରତିଦିନ ଉପହାର ଦିଏ କିଛିଟା ଆତ୍ମସନ୍ତୋଷ... । | </p> |
| <p> | ୟା ଭିତରେ ଦୁଇତିନିବର୍ଷ ବିତିଗଲା ସେଇଠି ସେମିତି ଗତାନୁଗତିକ ଜୀବନଧାରରେ ... ଆଉ ମୁଁ କାହାକୁ ଖୋଜିନି, କେହି ବି ମୋତେ ଖୋଜି ନାହାନ୍ତି ... । ଦିବ୍ୟଜ୍ୟୋତି ଦୁଇତିନି ବର୍ଷ ଭିତରେ ଥରଟିଏ ବି ଖବର ହେଲେ ନାହିଁ କିଛି । ବାପା ବୋଉ ନିରାଶ ହେଲେ ... ଅନିମେଷ ଭାଇନା ଚିଠିଟିଏ ଲେଖିଥିଲେ ... ଦିବ୍ୟଜ୍ୟୋତି ଆମେରିକାରୁ ଫେରିନାହାନ୍ତି, ସେଇଠି ବୋଧହୁଏ ବାହାସାହା ହୋଇ ଘରସଂସାର କଲେ କି କଅଣ । ଅନୁପାଇଁ ଅନ୍ୟ କୌଣସି ପ୍ରସ୍ତାବ ପକାଅ ... । ସେ ଚିଠି ପରଠୁ ବୋଉ ଆଉ ହସୁନି । ଧୀରେ ଧୀରେ ମୋର ବୟସ ବେଶୀ ହେଉଛି । ବାପା ରିଟାୟାର୍ଡ କରି ସାରିଲେଣି ... ଦିବ୍ୟଜ୍ୟୋତିଙ୍କ ଉପରେ ଭରସା ରଖି ବାପା ବ୍ୟାଙ୍କର ମୋଟା ଅଙ୍କର କିଛି ରଖିନାହାନ୍ତି ଯଉତୁକ ପାଇଁ, କାରଣ ଦିବ୍ୟଜ୍ୟୋତି ସମ୍ପୂର୍ଣ୍ଣ ଯୌତୁକ ବିରୋଧୀ ଥିଲେ ... । ବେଶ୍ ନିଶ୍ଚିନ୍ତ ଥିଲେ ବାପା ଦିବ୍ୟଜ୍ୟୋତିଙ୍କ ପାଇଁ । ଏବେ ଘରେ ରିତିମତ ପାଟିତୁଣ୍ଡ ... । କୁନୁ ମୁନୁ ବି ମୋ ପାଇଁ ଚିନ୍ତା କରିବା ଆରମ୍ଭ କଲେଣି... ସାଙ୍ଗମାନଙ୍କ ଘରେ ... ଏଠି ସେଠି ମୋ ବାହାଘର ପାଇଁ କହିକହି ନୟାନ୍ତ ହେଲେଣି । ବାପା କାହାସହ କଥା ହେଲେ ଶେଷରେ ମୋ ବାହାଘର ପାଇଁ ତାଙ୍କର ନିହାତି ଯୋଗ୍ୟ ଜ୍ୱାଇଁଟିଏ ଯେ ଦରକାର ଏକଥା କହିବାକୁ ଭୁଲୁନାହାନ୍ତି । ମୋ ପାଇଁ ଉପଯୁକ୍ତ ବର ଖୋଜିବା ଦାୟିତ୍ୱ ସମସ୍ତଙ୍କର ... ! | </p> |
| <p> | ବାପା, ମୁଁ, କୁନୁ ଓ ବୋଉ ସମଗ୍ର ବାଲିଯାତ୍ରାକୁ ବୁଲି ଆସିଲା ପରେ କାଳିଆ ଚାଟ୍ ଦୋକାନରେ ବସିଲୁ । ରୁନୁ ନଥାଏ ବୋଲି ତାରି କଥା ବୋଉ ସବୁଠି ତାଙ୍କ ମନେ ପକାଉ ଥାଏ ବେଶୀ । ବହୁତ ଦିନପରେ ଆମେ ଏକାଠି ବାଲିଯାତ୍ରା ଯାଇଥାଉ ... । ବାପା ଓ ବୋଉଙ୍କ ମନରେ ଲାଗିଥିବା ଦାରୁଣ ଆଘାତ ବେଶ୍ କିଛି ମାତ୍ର ଅସରିଯାଇଛି ତେବେ ... । ଆଶ୍ୱସ୍ତ ହେଇଥିଲି ମନେ ମନେ । କୁନୁ ଚାଟ୍ ପ୍ଲେଟ୍ଟା ଚଟାପଟ୍ ସାରିଦେଇ କ୍ୱାଲିଟି ଆଇସ୍କ୍ରିମଟାଏ ଆଇସ୍କିମ୍ ପାର୍ଲରରୁ ଦେଇ ବାଧ କରୁଥାଏ ... ସେ ଜାଣେ ପିଲାଦିନରୁ କ୍ୱାଲିଟି ମୋର ଭାରି ପ୍ରିୟ ବୋଲି । ହେଲେ ଇଚ୍ଛା ନଥିଲା ସେମିତି ଆଉ ... ! ମୋର କୁଣ୍ଠିତ ସ୍ୱରକୁ ଲକ୍ଷ୍ୟ କରି ବାପା ବୋଉ ଏକା ସାଙ୍ଗେ ବାଧ କଲେ । ବାପା ବୋଉଙ୍କର ମିଳିତ କଣ୍ଠସ୍ୱରରେ ବାଧ କରିବାଟା ଭାରି ଭଲ ଲାଗୁଥାଏ । ତାକୁ କାନ ପାରି ଶୁଣୁଶୁଣୁ ମୁଁ କ୍ୱାଲିଟି ଶେଷକରି ଦେଲି ... କୁନୁ କହିଲା ... 'ମନାକରୁଥିଲୁ ପରା' । | </p> |
| <p> | ହସିଦେଲି ଟିକେ ... । କୁନୁକୁ ଏମତି ବେଳ ଦେଖି ଅଫେଣ୍ଡେଡ୍ କରିବାର ପୁରୁଣା ଜିଦ୍ ଆପେ ଆପେ ଯୋଗାଡ଼ିବା ଚେଷ୍ଟା କଲି । ସୁଯୋଗ ଆଉ ମିଳିଲାନି ବର୍ଷା ଝିପିଝିପି ଆରମ୍ଭ ହେଲା । ତରବରରେ | </p> |

| | | |
|---|---|---|
| | ଘରକୁ ଫେରିଲୁ । | |
| <p> | ତା ପରଦିନ ସନ୍ଧ୍ୟାରେ କୁନୁ ମୁଁ ବାଦାମ୍‌ବାଡ଼ି ବସ୍‌ଷ୍ଟାଣ୍ଡରୁ ଆସିଲୁ । ମୁଁ ଧରିଲି ସମ୍ବଲପୁର ବସ୍ ... କୁନୁ ଜୟପୁର । ବାପା ବୋଉ ଘରେ ଏକା ... । ବୋଉର ଛଳଛଳ ମୁହଁ ବାପାଙ୍କର ଉଦାସିଆ ଆଖି ବାରମ୍ବାର ଆଖିଆଗରେ ନାଚି ଉଠୁଥାଏ ... । ଘର ଶୂନ୍ୟ କରି ଆମେ ତିନିହେଁ ଅଲଗା ଅଲଗା ଜୀବନ ସଂଗ୍ରାମ କରୁଛୁ । ଘରେ ରହିଲେ ଗାଁରୁ ଆସୁଥିବା ଚାଉଳ ଓ ବାପା ପେନ୍‌ସନ୍ ପଇସାରେ ବର୍ଷକ ଖାଇବା ଚଳିଯାନ୍ତା ... ତେବେ ବାହାରକୁ ଯିବାରେ ଆମର ଏତେ ଜିଦ୍ କାହିଁକି ? ବାପା ବୋଉ ଦୁଃଖ କରୁଛନ୍ତି ... କିନ୍ତୁ ଆମକୁ ପାଠଶାଠ ପଢ଼େଇ ଥିଲେ ବୋଲି ସିନା ଆମେ ବାହାରକୁ ଯାଉଛୁ । ସବୁ ବାପା, ମା ଏମିତି ଚାହାନ୍ତି ପାଠ ପଢ଼ି ଛୁଆମାନେ ବଡ଼ ମଣିଷ ହୁଅନ୍ତୁ । କିନ୍ତୁ ଦୂରରେ ରହିଲେ ଏମିତି କଷ୍ଟ ପାଆନ୍ତି ଭାରି । ଯେଉଁ ପ୍ରଶ୍ନର ସମାଧାନ ନାହିଁ, ସେମିତି ପ୍ରଶ୍ନ ସବୁ ମନରୁ ବାହାର କରିଦେବା ଦରକାର । ନିଜକୁ ସାନ୍ତ୍ୱନା ଦେଲି । ମୁଁ ଏବେ ଯାଇ ସେଠି କ୍ୱାର୍ଟର ଘରର ତାଲା ଖୋଲିଲେ ସପାସଫି କଲେ ଯାଇ ଦଣ୍ଡେ ଥକ୍କା ମାରିବି ... ରାନ୍ଧିଲେ ଖାଇବି ... ଶ୍ୟାମକୁ ତ ଖବର ଦେଲେ ଯାଇ ଆସିବ .... । ଭାରି ଖାଁଖାଁ ଲାଗିବ ଚାରିଆଡ଼ ... । ରାତି ବସ୍‌ରେ ସେଥିପାଇଁ ଟିକେଟ୍ କଲି । ବାଧିବନି ସକାଳୁ ପହଞ୍ଚି ଦଶଟାରେ ହସପିଟାଲ ଯିବି ... । ତେଣୁ ଆଖି ଟିକିଏ ବୁଜିଛି ... ମୋ ପାଖରେ ବସିଥିବା ମହିଳା ଜଣକ ଆଗକୁ ଉଠିଗଲେ ତାଙ୍କ ସାନ ଝିଅ ଟିକି ଅଟକି ତାଙ୍କ ସାଙ୍ଗେ ଉଠିଯାଇଥିଲା, ମୁଁ ତାକୁ ଅଟକାଇଦେଲି । ବସ୍ ଝରକା ବାହାରେ କେବଳ ଅନ୍ଧାର । ନନ୍‌ଷ୍ଟପ୍ ବସ୍ ଭାରି ଜୋର ଚାଲିଥାଏ । ଏମିତି ତିନି ଚାରିଟି ସିଟ୍ ଖାଲି ପଡୁଥାଏ । ଲୋକ ଟିକେ କମ୍ ହୋଇଥାଆନ୍ତି । ବର୍ଷା ଅଳ୍ପ ହେଉଥାଏ ... ବାହାରେ ଭି.ଡି.ଓ ଚାଲୁଥାଏ ... ଫିଲିମ୍‌ଟାରେ ଭଏସ୍ ସବୁ ଭାରି ଘାଇଁଘାଇଁ ଶୁଭୁଥାଏ । ଭଲ ଲାଗୁନଥାଏ ତେଣୁ ଦେଖିବାକୁ ପୁଣି ଏକୁଟିଆ ସିଟ୍‌ରେ ନିଦ ବି ଲାଗୁନଥାଏ । ରାତି ନ'ଟାରେ ଅନୁଗୁଳଠି ବସ୍ ରହିଲା ... ଖବର କାଗଜଟିଏ କିଣିଲି । କାଲିର 'ସମାଜ' ଘରେ ବି ତରତରରେ ପଢ଼ି ପାରିନଥାଏ । ଆଖି ବୁଲୋଇ ବୁଲୋଉ ଆପଣଙ୍କ ନାଁ ବିଜ୍ଞାପନର ତଳେ ଆଖିରେ ପଡ଼ିଲା । 'ଶିଶୁ ନିରୁଦ୍ଦିଷ୍ଟ' ... ଚାରିବର୍ଷର ଶିଶୁ ଶୁଭ୍ରାଂଶୁ ଚୌଧୁରୀ ବାଲିଯାତ୍ରାରେ ହଜିଯାଇଛି । ଭାରି ମନ ଦୁଃଖ ହେଲା ... ଓଃ ସ୍ନିଗ୍ଧାଅପା କେତେ ବିକଳ ହୋଇ କାନ୍ଦୁନଥିବେ ... ଶୁଭ୍ରାଂଶୁର କୁନି ଗୁଲୁଗୁଲିଆ ମୁହଁଟା ତା ସାଙ୍ଗେ ସ୍ନିଗ୍ଧା ଅପାଙ୍କ କରୁଣ ମୁହଁକୁ ମନେ ପକାଉ ପକାଉ କେତେ ଟୋପା ଲୁହ ଝରିପଡ଼ିଲା ଖବରକାଗଜ ଉପରେ । | </p> |
| <p> | ବାଲିଯାତ୍ରା ଦୋଳିରେ ବସିଥିବା ବେଳେ ମଝିରେ ବସିଥିବା ସେଇ ପିଲାଟି ... କେମିତି ଏତେ ଦାୟିତ୍ୱଶୂନ୍ୟ ଆପଣ **?** ଆପଣଙ୍କୁ ହିଁ ମନେ ମନେ ଗାଳିଦେଇଥିଲି ... ଅଜସ୍ର ମନଇଚ୍ଛା ... । ଖବରକାଗଜ ମାଗିଲେ ଜଣେ ଭଦ୍ରଲୋକ ... । ପଢ଼ିବାକୁ ଆଦୌ ଇଚ୍ଛା ନଥିଲା ବି ପେପର୍‌ର ଆରପୃଷ୍ଠାକୁ ଓଲଟାଇଲି ମୁଁ ... । ଆଉଥରେ ପାଖସିଟରୁ ସେହି କଣ୍ଠସ୍ୱର ଶୁଭିଲା ... ଏକସକ୍ୟୁଜମି... ମେ ଆଇ ଗେଟ୍ ଦି ନ୍ୟୁଜ୍ ପେପର .. । ଏଥର କିଛି ଉତ୍ତର ନଦେଇ ଖବରକାଗଜ ମୁଁ ବଢ଼େଇଦେଲି । | </p> |
| <p> | ଲାଗୁଥିଲା ଆପଣ ଗର୍ବ ଗାରିମା ଭଳି ଶବ୍ଦ ଉଚ୍ଚାରଣ କରିଥାଆନ୍ତେ । ଆପଣଙ୍କଠି ମୋ ଦୃଷ୍ଟି ଅଟକିଗଲା ବେଳେ ଆପଣ ଅଟକିଗଲେ !! କିଛି କହିବାକୁ ଇଚ୍ଛା ନଥିଲା ମୋର ... ମୁଁ ସମସ୍ତଙ୍କ ସାଙ୍ଗେ ଗାଡ଼ିରେ ବସିଲି । ସମସ୍ତଙ୍କର ଜିତିଯିବାର ପ୍ରଫୁଲ୍ଲତା ଭିତରେ ମୁଁ କିନ୍ତୁ ବେଶୀ ଭାରାକ୍ରାନ୍ତ ହେଉଥାଏ ... ଏ କଥା କେହି ଜାଣୁ ନଥାନ୍ତି । କ'ଣ ସେ ଜାଗାଟା ନାଁ ଠିକ୍ ଭାବେ ମନେ ପଡୁନି । କି ପଲ୍ଲୀ ବୋଲି ଲୋକମାନେ କହୁଥାନ୍ତି । ଦୀର୍ଘ ବାଟ ପାହାଡ଼ ଜଙ୍ଗଲ ଭିତରେ ସରୁ ବାଟ ... ତଳେ ହଳଦୀ ଗୁରୁଗୁରୁ ଧାନ କିଆରି ... ଅଳ୍ପ କେତୋଟି ଘରକୁ ନେଇ ନୂଆଣିଆ ବସ୍ତି .. ଖୁବ୍ ଦୂରରେ କାମ କରୁଥିବା ପୁରୁଷ ସ୍ତ୍ରୀ | |

| | | |
|---|---|---|
| | କେତେଜଣ ଦେଖାଯାଉଛନ୍ତି ... ଭାରି ସୁନ୍ଦର ଚିତ୍ରପଟ ଭଳି ଲାଗୁଛି । ଆମେ ସବୁ ବହୁତ ଉଚ୍ଚକୁ ଚଢ଼ିସାରିଥାଉ । ଶକୁନ୍ତଳା ବଡ଼ ବରଗଛ ତଳେ ଠିଆ ହୋଇ ଏକାନ୍ତ ଜାଗାଟିଏ ଖୋଜୁଥାଏ ହାତରେ ଡ୍ରଇଂସିଟ୍ ଓ ପେନ୍‌ସିଲ୍ ଧରି । ଥର୍ମୋଫ୍ଲାସ୍କରୁ କଫି କାଢ଼ି ସାଗରିକା ଦେବୀ ବଢ଼ାଉଥାନ୍ତି । ପ୍ରତିମା ଓ ମୁଁ ପଛରେ ନ ପଡ଼ିବା ପାଇଁ ଯଥାସାଧ୍ୟ ଚେଷ୍ଟା କରି ଉପରକୁ ଯାଉଥାଉ । କୌଣସି ମୁହୂର୍ତ୍ତରେ ଆପଣଙ୍କୁ କିଛି ମୋତେ କହିବାକୁ ନପଡୁ ଏଥିପାଇଁ ମନ ପ୍ରସ୍ତୁତ ମୁଁ କରିଥାଏ । | |
| <p> | ବାଲିଯାତ୍ରାରେ ଭେଟିବାର ୟା ଭିତରେ ଦୁଇ ବର୍ଷ ଅତିକ୍ରାନ୍ତ ହୋଇଗଲାଣି । ଆପଣଙ୍କଠି ମୋ ଅନୁଚିନ୍ତାର ବ୍ୟତିକ୍ରମ, ଆପଣଙ୍କର ବ୍ୟବହାର ସବୁବେଳେ ସମସ୍ତଙ୍କୁ ଆହ୍ୱାନ କରୁଥାଏ ଆପଣଙ୍କ ପାଖେ ଘଡ଼ିଏ ବସିବାକୁ ... ସରଳ ନିଷ୍କପଟ ବନ୍ଧୁତ୍ୱ ପାଇଁ ଆପଣ ହାତ ପ୍ରସାରି ଦେଇଥାନ୍ତି ... ମୋ ଭିତରେ କୁହୁଳିଥିବା ଅବଶୋଷର ଅଜସ୍ର ଅଭିମାନ ପାଇଁ ବାରମ୍ବାର ଆପଣଙ୍କର ପ୍ରଶ୍ନ ଓ ଆହ୍ୱାନକୁ ପଛ କରି ଦେଉଥାଏ ! ଆପଣ ସେ ସବୁ ବୁଝି ଅନୁଭବ କରି ବି ପୁଣି ଥରେ ପଚାରୁ ଥାନ୍ତି ... ମୋର ଇଚ୍ଛା, ଉତ୍ତର ପ୍ରତି ଯେ ଆପଣ ନିର୍ବିକାର, ପ୍ରତିକ୍ରିୟାହୀନ ... ଏକଥା ପ୍ରକାଶ କରିବାକୁ ଚାହିଁ ବି ପ୍ରକାଶ କରିପାରୁ ନଥାଏ । ସମ୍ପାଦକ ବାବୁ ଭାରି ମେଳାପୀ ଲୋକ । ହସ ଖୁସି ମିଜାଜ୍‌ର ଲୋକ ! ମୋର ଏମିତି ନୀରବ ଉଦାସଭଙ୍ଗୀକୁ  ସହଜରେ ଗ୍ରହଣ କରିପାରୁନଥାନ୍ତି କେହି । ସମସ୍ତେ ଚାହା ବିସ୍କୁଟରେ ମନ ଦେଲେଣି । କବି ବନ୍ଧୁ ଜଣେ ଆକ୍ଷେପ କରି କହୁଛନ୍ତି ନାରୀମାନ ଆଉ ଏବେ ରୋଷେଇ କରିବାକୁ ଭଲପାଉ ନାହାନ୍ତି । ସାଗରିକା ଦେବୀ ବଡ଼ ନିର୍ବିକାର ଭାବରେ ଏଇ ଭଳି କଥାକୁ ଉପଭୋଗ କରୁଛନ୍ତି । ମୁଁ ପ୍ରତିମାକୁ ଡ଼ାକି ରୋଷେଇ ପ୍ରସ୍ତୁତ କରିବାର ଦାୟିତ୍ୱ ଆପଣା ଛାଏଁ ନେଲି । ସବୁଠୁ ଅଡୁଆ ଲାଗୁଥାଏ ଆପଣଙ୍କର ଉପସ୍ଥିତି ... ! ଆପଣଙ୍କର ପଦେ ପଦେ କବିତା ... କଥାର ଅନେକ ଧାଡ଼ି ମୋ ପାଇଁ ସେଦିନ ଉଦ୍ଦିଷ୍ଟ ଥିଲା, ଏକଥା ସ୍ୱଷ୍ଟ ଅନୁଭବ କରିଛି .... ! | </p> |
| <p> | ଅମୁକ ଲେଖନ୍ତି ଖୁବ୍ ଭଲ, କିନ୍ତୁ କି ଦାମ୍ଭିକତା କି ଗର୍ବଭାବ .. ସମ୍ମାନରେ ମଥା ନୁଆଁଇବାକୁ ଯାଉଯାଉ ସେ ବୁଲିପଡ଼ନ୍ତି ... । ଏ ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ହେଲା ସମଗ୍ର ଲେଖକ ଲେଖିକା ସମାଜ ପରସ୍ପରକୁ ବୁଝିବେ । ହୃଦୟ ହୃଦୟ ଭିତରେ ଥିବା ଭାଷା ଭାବର ଆଦାନପ୍ରଦାନ ହୋଇ ଲେଖନୀରୁ ଆହୁରି ସୁନ୍ଦର ସୃଷ୍ଟି ସମ୍ଭବ ହେବ । ଲେଖକର ଗୋଟେ ଦାୟିତ୍ୱ ଅଛି... ସାମାଜିକ କର୍ତ୍ତବ୍ୟ ଅଛି ଏ କଥା ଗ୍ରହଣ କରିବାରେ ଏକାଠି ହେବା ଦରକାର । ହଜିଯାଉଥିବା କବି କବିର ସମ୍ପର୍କ ଆହୁରି ନିବିଡ଼ ହେବା ପାଇଁ କିଛି ଉଦ୍ୟମ ଲୋଡ଼ା ... ଏଥିପାଇଁ ତ ଏ ସମ୍ମିଳନୀ... ! | </p> |
| <p> | ଖରାଦିନର ଝାଞ୍ଜି ପବନ ଓ ଧୂଳି ଝଡରେ ମାଡ଼ଖାଇ ଗଛ ପତ୍ର ଶୁଖି ବର୍ଣ୍ଣହରା ହୋଇଥାନ୍ତି । ମାଟି ଶୁଖି ସାରିବାର କିଛି ଦିନ ପରେ ଅସରାଏ ବର୍ଷା ଖାଇ ଟିକେ ପରିଚ୍ଛନ୍ନ ଲାଗୁଥାଏ । ଭଲ ଲାଗୁଥାଏ ଚାରିପାଖ, ପବିତ୍ରଙ୍କୁ ଶାନ୍ତି ଶାନ୍ତି ଲାଗୁଥାଏ । କ୍ଲିନିକ୍‌ରେ ଭାରି ଉତ୍ସାହରେ ପ୍ରତ୍ୟେକଟି ରୋଗୀକୁ ଦେଖୁଥାନ୍ତି ସିଏ । ମାମୁନ ସେଦିନ ସ୍କୁଲ ବି ଯାଇନଥାଏ । ତେଣୁ ବାପାଙ୍କ ପଛପଟେ ଚଉକିଟିଏ ପକେଇ ତା କୁନି ମନରେ ଅସରନ୍ତି ଗପଟାର ଜାଲ ବୁଣୁଥାଏ । ସେ ବଡ଼ ହୋଇ ବାପାଙ୍କ ଭଳି ଏମିତି ଡାକ୍ତରଟିଏ ହୁଅନ୍ତା ଏମିତି କରନ୍ତା ... ଇତ୍ୟାଦି ... ଇତ୍ୟାଦି ... । ସନ୍ଧ୍ୟା ପର୍ଯ୍ୟନ୍ତ ସେଦିନ କାମରେ ଲାଗିଥାନ୍ତି ପବିତ୍ର । ସ୍ନିଗ୍ଧା ବଞ୍ଚିଥିଲା ବେଳେ ଏଇ ଦିନଟାରେ ଏମିତି ରୋଗୀମାନଙ୍କର ଧାଡ଼ି ଲାଗିଥାଏ ଯେ ପହଁଚୁ ପହଁଚୁ ଡ଼େରି ହୋଇଥାଏ ... ସକାଳୁ ଉଠି ନିଜ କରିଥିବା ପ୍ରୋଗ୍ରାମ୍ ପାଇଁ ନିଜେ ଅନୁତାପ କରନ୍ତି । ଥରେ ଥରେ ବଗିଚାରେ ବସି ... ନଚେତ୍ ନଦୀ କୂଳେ କୂଳେ ଚାଲି ଚାଲି ଉତ୍ସବ ମନାନ୍ତି ସେମାନେ । ପବିତ୍ରଙ୍କର ଡ଼େରି ପାଇଁ ସ୍ନିଗ୍ଧାଙ୍କର ସବୁ ବିରକ୍ତି କେମିତି ଶେଷରେ ସ୍ମିତ ହସ ଧାରଟିଏ ହୋଇ ଶୁଦ୍ଧ ପ୍ରେମର ସ୍ନିଗ୍ଧ | </p> |

| | | |
|---|---|---|
| | ପ୍ରତିଲିପିଟିଏ ଲେଖିଦିଏ ସେମାନଙ୍କ ଜୀବନ - ପୃଷ୍ଠାରେ । ମାମୁନ ଜିଦ୍ କଲା ପାଖ ପାର୍କ ଯାଇ ବଡ଼ଜେନା ହୋଟେଲ୍‌ରେ ଦୋଷା ଖାଇବାକୁ । ଅନ୍ୱେଷାର କ୍ଲିନିକ୍‌ରେ ବସିଲାଣି । ତା କଥା ମାନିବାକୁ ହେବ ... ଗର୍ଡ଼ିଆନ୍ ଭଳି ଆଜି ଦିନରେ ଗୋଟିଏ ବି ମୁହୂର୍ତ୍ତ ସେ ଏକୁଟିଆ କରିନି ବାପାଙ୍କୁ ... ତା ଖେଳ ପାଠପଢ଼ା ବୁଲା ବନ୍ଦ କରି ବାପାଙ୍କୁ ନିଃସଙ୍ଗ କରିବାକୁ ଦେଇନି ଆଜି । ବାପାଙ୍କର ଲୁହ ହିଁ ତାକୁ ଆଜି ଏମିତି ଯୋଜନାଟିଏ କରିବାକୁ ପ୍ରେରଣା ଦେଇଛି । | |
| <p> | ପାର୍କରୁ ଫେରି ମାଆ, ବାପା, ଭାଇ, ଜେଜେ, ଜେଜେମା, ମାଉସୀ ସମସ୍ତଙ୍କର ଫଟୋକୁ ଆଣି ବାପାଙ୍କ ପାଖେ ବସିପଡ଼ିଲା ସିଏ... । ସୁନ୍ଦର ଅତୀତର ଗହଳି ପାଖରେ ସେଦିନ ବର୍ତ୍ତମାନର ନିଃସଙ୍ଗତା ଅନୁଭବ ହୋଇନଥିଲା । ଲାଗୁଥିଲା ସମସ୍ତେ ଯେମିତି ଘରେ ଥାଇ ଭାରି ଗହଳି କରୁଛନ୍ତି । ସ୍ନିଗ୍ଧା ଆଉ ତାଙ୍କର ଯୁଗଳ ବନ୍ଧେଇକରା ଫଟୋକୁ ଦେଖି ପବିତ୍ର ବି ସ୍ନିଗ୍ଧାଙ୍କର ଚୁଡ଼ି ରୁଣୁଝୁଣୁ ଶବ୍ଦକୁ ରୋଷେଇଘରୁ ବାରିପାରୁଥିଲେ ବେଳେବେଳେ । ତାଙ୍କ କୁନି ପୁଅଟାର ଗୁଲୁଗୁଲୁ କଥା ବି ଶୁଭୁଥିଲା ଇଆଡୁ ସିଆଡୁ । ଆଲବମ୍ ଅନେକ ଦିନ ହେଲା ଛୁଇଁ ନଥିଲେ କେହି । ଫଟୋ ସବୁ ପୋଛି ପୋଛି ଆଉଥରେ ଆଲ୍‌ବଲମ୍‌ରେ ଭର୍ତ୍ତିକଲା ମାମୁନ ... । ଅତୀତକୁ ସ୍ୱଷ୍ଟ ଭାବେ ମନେ ପକେଇ ବର୍ତ୍ତମାନର କ୍ଲିଷ୍ଟତାକୁ ଭୁଲି ହୋଇଯାଉଥିଲା । ସେଥିପାଇଁ ସେସବୁ ଫଟୋ ପ୍ରତି ଆଦର ବଢୁଥିଲା ମନରେ । ଆଲ୍‌ବମ୍ ଭିତରେ ସ୍ମୃତିର ଫରୁଆ ସାଇତା ହୋଇଛି । ଫଟୋ ସବୁ ଔଜ୍ଜ୍ୱଲ୍ୟ କ୍ରମେ ହରାଇସାରିଥିଲେ ମଧ୍ୟ ରତ୍ନଭଳି ମନେ ହେଉଛି । ତାଙ୍କରି ପୁଅ ... ଟିକିଏ ଅନ୍ୟମନସ୍କତା ପାଇଁ ଚିରଦିନ ଲାଗି ତାକୁ ହଜେଇ ଦେଲେ ସିଏ । ସେଇଠି ସବୁ ଆବେଗ, ଉଚ୍ଛ୍ୱାସ ଦୀର୍ଘଶ୍ୱାସରେ ବଦଳିଗଲା ରାତିକୁ ... । କ୍ଷୀଣ ଶବ୍ଦ କରି ଛାତିରେ ଝୁଲିଥିବା ଫ୍ୟାନ୍‌କୁ ଚାହିଁ ଚାହିଁ ଅନ୍ୟମନସ୍କ ଭାବେ ସେଦିନରେ କଥାକୁ ଦୋହରାଉଥିଲେ ମନଭିତରେ । | </p> |
| <p> | ବାଲିଯାତ୍ରାର ଗହଳି ଭିତରେ ମଟର ସାଇକେଲ ଖେଳ ଦେଖି ଫେରିଲା ପରେ ପୁଅକୁ ପାଇନଥିଲେ । ଚାରିବର୍ଷ ପୂରି ପାଞ୍ଚ ଚାଲୁଥିଲା । ଯେତେ ଖୋଜିଲେ ବି କୌଣସିଠି ପାଇନଥିଲେ । ସେଦିନ ରାତି ଯେତେ ବଢୁଥିଲା, ଗହଳି ସେତେ ବଢୁଥିଲା ଆଉ ମନ ଭିତରେ ଆଶଙ୍କା ଓ ପ୍ରାଣରେ କୋହ ତା'ଠୁ ଅଧିକ ବଢ଼ିଚାଲିଥିଲା । ଥାନା ପୋଲିସ୍, ବନ୍ଧୁ ଆତ୍ମୀୟ ସ୍ୱଜନ ସମସ୍ତଙ୍କର ତତ୍ପରତା ସତ୍ତ୍ୱେ ମିଳି ନଥିଲା ସିଏ । ସମସ୍ତେ କହିଲେ କିଏ ବୋଧେ ବଦମାସ ଲୋକ ଚୋରାଇ ନେଲା । ବେକରେ ସୁନା ଚେନ୍ ଥିଲା । ... ତାକୁ ଲୋଭ କଲାକି ଆଉ ! ଛୁଆଧରା ଚୋର ଭୁଲାଇ ନେଇ ଗଲାକି ... !! ବାସ୍ ଇତି ହୋଇଯାଇଥିଲା ବବୁଲର ଦରୋଟି କଥା ସେମାନଙ୍କ ପାଇଁ । ସ୍ନିଗ୍ଧା ମୁହଁରୁ କଥା ଲିଭିଯାଇ ତାକୁ ନିର୍ବାକ କରିଦେଇଥିଲା ବବୁଲ୍‌ର ଶୂନ୍ୟତା । ନିଜର ସାମାନ୍ୟ ଭୁଲ ପାଇଁ ଏତେବଡ଼ ମୂଲ୍ୟବାନ୍ ରତ୍ନଟି ହଜିଗଲା ଯାହା । ବହୁତ ଖୋଜିଛନ୍ତି ତାକୁ ... । ସେ ତ ତା' ଠିକଣା କହିପାରୁନଥିବ, ଯଦିବା କେହି ସହୃଦୟ ଲୋକଟି ପାଏ ତେବେ ଜଣାଇବେ କେମିତି ? ଖବର କାଗଜରେ ଲେଖିଥିଲେ ହେଲେ କୌଣସି ସନ୍ଧାନର ସାମାନ୍ୟ ସୁଯୋଗ ପାଇଲେ ନାହିଁ । | </p> |
| <p> | କବିତା ଲେଖିବାକୁ ଧାଡ଼ି ଶବ୍ଦ ସବୁ ମନ ଭିତରେ ଏପଟ ସେପଟ ହେଉଥିବେ ଅନ୍ତତଃ ମୁଁ ଲେଖି ପାରୁନଥିବି । ନାଇଁ ... ରାତିରେ ହିଁ ଲେଖିନେବି । ପାହାଡ଼ର ଅଧା ଯାଏଁ ଯିବାକୁ ଇଚ୍ଛାହେବ ... ନଦୀଆଡ଼େ ଯାଇ ତା ପଛପଟର ଧାନକିଆରିରେ ସୁଲୁସୁଲୁ ପବନରେ ବିଭୋର ହେବାକୁ ମନ କହିବ । ସବୁଠି ଭଲ ଜିନିଷ ରାନ୍ଧିବାକୁ ଇଚ୍ଛା ହେବ । ପୁରୁଣା ସୁନ୍ଦର ଅମଉଳା ସ୍ମୃତି ଭିତରେ ଆହୁରି ନୂଆ ନୂଆ ଅନୁଭବ ... । ଆପଣଙ୍କ ବାକ୍ୟର ଶ୍ରଦ୍ଧାରେ ମୁଁ ଆଦରି ନେବି । ହାଲ୍‌କା ଆକାଶୀ ନୀଳରଙ୍ଗ ଆପଣ ଖୁବ୍ ଭଲ ପାଆନ୍ତି ନା ... । ସେଇ ରଙ୍ଗର ଶାଢ଼ି ସେଦିନ ପିନ୍ଧିବି । ଆକାଶୀ ନୀଳ ରଙ୍ଗର ବେଡ଼ସିଟ୍, ସ୍କ୍ରିନ୍, ଟେବୁଲ କ୍ଲଥ୍‌ରେ | </p> |

| | | |
|---|---|---|
| | ଘରଟା ସୁନ୍ଦର କରି ସଜାଇବି ... । | |
| <p> | ସେଦିନ କଳ୍ପନା ଜଳ୍ପନାର ପୃଷ୍ଠା ଆଉ ବି ବଢ଼ିଥାନ୍ତା ... । ସ୍ତ୍ରୀ ଲୋକଟିର କାନ୍ଦରେ ମୁଁ ପ୍ରକୃତିସ୍ଥ ହେଲି ... । କନ୍ୟାଶ୍ରମର କୂଅଚାନ୍ଦିନୀ ପାଖରେ ପିଲାମାନେ ବାସନ ଧୋଉଥିଲେ କ'ଣ ହେଲାକି ? ନାଆ ଆଉ କିଛି ଅଘଟଣ ... । ସେଦିନ ରବିବାର ମୁଁ ହସ୍‌ପିଟାଲ୍ ଯାଇନଥିଲି । ଘଟଣା ଭିତରକୁ ଆସି ମୋ ଆଶଙ୍କା ଦୂର ହେଲା । ଛୋଟ ଝିଅଟିକୁ ଭୀଷଣ ଜର । ମୋତେ ଖୋଜି ଖୋଜି ସେ ସେଇଠି ପହଁଚିଥିଲା । ମୁଁ ତା'ର ପ୍ରାଥମିକ ଚିକିତ୍ସା ସେଇଠି ସାରି ଔଷଧ ଦେଇ ମୋ ରୁମ୍‌କୁ ଫେରିଗଲା ବେଳକୁ ଜାଣିଲି ତା ପାଖରେ ପଇସା ନାହିଁ, ଔଷଧ ବି ସେ ଚିହ୍ନିପାରିବନି, ପାଠ ପଢ଼ିନି । ମେଡ଼ିସିନ୍ ଷ୍ଟୋର୍‌ରୁ ଔଷଧ ନେଇ ଫେରିଲାବେଳକୁ କନ୍ୟାଶ୍ରମ ପିଲାମାନେ ତାକୁ ଘେରିଯାଇଥିଲେ । ତିନି ବର୍ଷର ଛୋଟ ଝିଅଟିଏ । କିଏ ବିଞ୍ଚି ଦେଉଥିଲେ କିଏ ତା ପାଟିରେ ଟିକେ ଟିକେ କ୍ଷୀର ଦେଉଥିଲେ ... ନିଆଁ ଜାଳି ତା ଗୋଡ଼ ହାତ ସେକି ପକାଉଥିଲେ । ପିଲାଗୁଡ଼ିଙ୍କର ଏପରି ସତ୍‌ଆଗ୍ରହ, ସେବା ମନୋଭାବ ମୋତେ ଆନନ୍ଦ ଦେଇଥିଲା ... । ଛୋଟ ଝିଅଟି ବହୁତ ଦୁର୍ବଳ ଥିବାରୁ ସିରିୟସ୍ ହୋଇଥିଲା । ତା ଛୋଟ କଅଁଳ ଆଖିର ଡ଼ାକରା ଅବୁଝା କଥା ପ୍ରତି ମୁଁ ଦୁର୍ବଳ ହୋଇ ପଡ଼ିଲି । ତାକୁ ବଞ୍ଚେଇବାର ଆଗ୍ରହ ମୋତେ କେମିତି ଅସ୍ଥିର କରି ପକାଉଥାଏ । କିଛି ସମୟ ପରେ ତା ଦେହରୁ ଜର ଓହ୍ଲେଇଗଲା ... । କେମିତି ସବୁଜ ସ୍ନିଗ୍ଧ ଦୃଷ୍ଟି । ଆହା ! ସମବେଦନାର ଗୁଞ୍ଜରଣର ପରିସମାପ୍ତି ଘଟିଲା । ରାତି ଦୁଇଟା ସେତେବେଳକୁ । ଜଗନ୍ନାଥଙ୍କ ପ୍ରତି ତାଙ୍କ ଆର୍ଶିବାଦ ପାଇଁ ମନରେ ଅନେକ କୃତଜ୍ଞତା ଭରିଯାଇଥାଏ । ଭଗବାନଙ୍କର ଇଚ୍ଛା ଥିଲା ବୋଲି ବଞ୍ଚିଗଲା ... । ମୁଁ ଉଠିଲି ... ମାଳତିଦେବୀଙ୍କ ଅତିଥିଗୃହରେ ବିଶ୍ରାମ ନେଲି । | </p> |
| <p> | ମୋ ଗୋଡ଼ ଧରି ପଡ଼ିଗଲା ସ୍ତ୍ରୀଲୋକଟି ... କ୍ଲାନ୍ତି ସତ୍ତ୍ୱେ ତା କାହାଣୀ ମୁଁ ଶୁଣିଲି । ତା ନାଁ ରେବତୀ । ରେବତୀ ତା ଜୀବନର କରୁଣ କାହାଣୀ କହୁଥାଏ । ବାରମ୍ବାର ଅନୁରୋଧ କରୁଥାଏ ସେ ଛୋଟ ଝିଅକୁ ପାଖରେ ରଖିବାକୁ । କ୍ଷତ୍ରିୟ ପରିବାରର ଝିଅ ସେ । ବେଶ୍ ନାଁ ଥିଲା ତା ଜେଜେଙ୍କର । ଭାରି ଧାର୍ମିକ ଲୋକ ସେ ଥିଲେ । କିଛି ଜମିଥିଲା । ତା ବାପା ଗାଁ ପାଖରେ କେଉଁ ଅଫିସ୍‌ରେ କିରାଣୀ ଥିଲେ । ସହରକୁ ଗଲା ପରଠୁ ଥରେ ଅଧେ ମଦ ପିଉ ପିଉ ମଦୁଆ ପାଲଟିଗଲେ । ପରେ ଘରର ଇଜ୍ଜତ ଆଉ ରହିଲାନି । ତାଙ୍କ ଦାଣ୍ଡ ଘରକୁ ମଦୁଆମାନେ ଆସିବା ପରଠୁ ଆଉ କେହି ବନ୍ଧୁବାନ୍ଧବ ସେ ଘରକୁ ଆସିଲେନି । ଏ ସବୁର ପ୍ରତିବାଦ କଲେ ତା ମାଆ ନିସ୍ତୁକ୍ ମାଡ଼ଖାଏ । ମଦ ପିଇ ପିଇ ସେଇ ବିଷରେ ତା ବାପା ଦିନେ ଚାଲିଗଲେ । ଖଲିପତ୍ର ଓ ଠୁଙ୍ଗା ତିଆରି କରି ତା ମାଆ ପରିବାରକୁ ଚଳେଇଲା, ତା ଭାଇ ଦିନେ ସ୍କୁଲରେ ମାଡ଼ ଖାଇଲା ବୋଲି ସୁରାଟ ପଳାଇଲା, ଆଉ ଆସିଲାନି । ତାକୁ ଦୁଃଖେ କଷ୍ଟେ ନବମ ଯାଏଁ ତା ମା ତାକୁ ପଢ଼ାଇଥିଲା । ବୟସ ଯେତେବେଳେ ବଢ଼ିବାକୁ ଲାଗିଲା ତାଙ୍କ ଘରକୁ ବେନାମୀ ଚିଠି ଏବଂ କିଛି ଛତରା ଟୋକାଙ୍କ ଗହଳି ଲାଗି ରହିଲା । ତା ମା ତାକୁ ଛାଡ଼ି କୁଆଡ଼େ ଯାଇ ପାରିଲାନି ... କଲିକତାର ଦରବୁଢ଼ା ଧୋବେଇ ବରକୁ ସଅଁପି ଦେଲା । ତା ବର କଲିକତାରେ ଆଉଜଣେ ସ୍ତ୍ରୀ ଲୋକ ପାଖକୁ ଯାଏ । ପଚାରିଲେ ... ପ୍ରତିବାଦ କଲେ ଶୁଣେ ତୁମେ ଖାଇବାକୁ ଗଣ୍ଡେ ରାନ୍ଧିଦେଇ ତାକୁ ଘଷିମୋଡ଼ି ଦେବା ତାର କାମ । ବାପଘରର କେହି ନଥାନ୍ତି ବୋଲି ସେ ସବୁବେଳେ ଧମକାଏ ବାପଘରକୁ ପଳା । ମା ତା ଚିଠିର ଉତ୍ତର ଦିଏନା । ଭାଗ୍ୟକୁ ନିନ୍ଦି କାନ୍ଦେ ବୋଲି ଶୁଣେ । ମା ବାଧକ ପଡ଼ିଲା – ମଲା ବିଛଣାରେ ପଡ଼ିଥିଲା – ତା ସଂସ୍କାର ସାରି ଆଉ ସେଇଠୁ ଗଲାନି । | </p> |
| <p> | ବିବାହର ବୟସ ଅତିକ୍ରମ କରିସାରିଲାଣି । ବୟସର ଛାପ ସ୍ପଷ୍ଟ ହୋଇଉଠିଲାଣି ଆଖିତଳୁ । ଏବେ ଆଉ କେହି ପ୍ରସ୍ତାବ କଥା କହନ୍ତିନି । ଲିପୁର ମାଆ ଡ଼ାକ ପାଇଲା ପରଠୁ କେତେଟା ଜାଗାରେ | </p> |

| | | |
|---|---|---|
| | ଲିପୁର ମାଆ ବୋଲି ପରିଚୟ ହେଲାଣି ... ! ଲିପୁର ସାଙ୍ଗମାନଙ୍କ ସହ ମିଶିବାକୁ ସେମାନଙ୍କୁ ଚକଲେଟ୍ ଦେବାକୁ ଭାରି ଭଲ ଲାଗେ । କିଛି ପ୍ରଶ୍ନ ନାହିଁ ... କେତେ ନିଷ୍ପାପ ସେମାନେ ... ! ଅନେକ ଅବସର ମୁହୂର୍ତ୍ତ କଟିଯାଏ ସେମାନଙ୍କୁ ନେଇ ... । ପାଖରେ ଥିବା ଛୋଟ ପାହାଡ଼ଟି ପାଖକୁ ବୁଲେଇନିଏ । କେବେ କେମିତି ପାର୍କ ନିଏ । କିଛି ନ ହେଲେ ଘର ପଛପଟ ନିରୋଳା ଜାଗାଟିରେ ପହଞ୍ଚି ଗଛମୂଳେ ବସିପଡ଼େ । ଗପ କହେ । ତାଙ୍କଠୁ ଗୀତ ଶୁଣେ । କେତେ ବଡ଼ ବଡ଼ ମହାପୁରୁଷଙ୍କ ପିଲାଦିନ କଥା କହେ । | |
| <p> | ସେମାନେ ଖେଳରେ ମଜ୍ଜିଗଲାବେଳେ ଆକାଶକୁ ଚାହିଁ ମୁଁ ପ୍ରଶ୍ନ କରେ ... ଜୀବନରେ ସେଦିନ ସ୍ୱପ୍ନ ପ୍ରତି ଭଗବାନ ସତରେ ତୁମର କଅଣ ଆଶୀର୍ବାଦ ନଥିଲା **... ?** ଡ଼ାକ୍ତରବାବୁଙ୍କ ସାଙ୍ଗେ କାମ କରିଥିଲେ ତମରି ଦୁନିଆର କଲ୍ୟାଣରେ ନିଜକୁ ନିୟୋଜିତ କରିଥାନ୍ତି । ଡାକ୍ତରବାବୁଙ୍କ ଦକ୍ଷତା, ପାରଦର୍ଶିତା ସହ ମୋ ଶୁଦ୍ଧ ହୃଦୟ କ'ଣ ଆଉ କିଛି ଖୋରାକ୍ ଯୋଗାଇ ନଥାନ୍ତା । ସେ ଅବହେଳିତ ଅଞ୍ଚଳକୁ ... । ସରକାରୀ ଡ଼ାକ୍ତରଖାନରେ ଚାକିରି କରି ମୁଁ ବି ତ ସେବା କରୁଛି । ସେଇ ଡ଼ାକ୍ତର ହୋଇଛି । କର୍ତ୍ତବ୍ୟରେ ଖିଲାପ କରିନି କେବେ । କିନ୍ତୁ ସେ ଦିନର ସିଦ୍ଧାନ୍ତ ମୋ ଜୀବନର ଗତିକୁ ସମ୍ପୂର୍ଣ୍ଣ ବଦଳାଏ ଦେଇଥିଲେ ବି ମୋର ସେ ସ୍ୱପ୍ନ ସାର୍ଥକ ହେଲା ନାହିଁ । ଥରଟିଏ ମଧ ମୋ ହୃଦୟର ଆବେଗକୁ ଆପଣ ଗ୍ରହଣ କଲେ ନାହିଁ ... । ମୋର ଯେଉଁଠି ସିଦ୍ଧାନ୍ତ ଆପଣଙ୍କର ସେଠି ସନ୍ଦେହ । ମୋର ଯେଉଁଠି ଆନନ୍ଦ ଆପଣଙ୍କର ସେଠି ବିରକ୍ତି । ମୋର ଯାହାଥିଲା ସଙ୍କଳ୍ପ, ଆପଣଙ୍କର ସେଠି ଉଦାସୀନତା ... ! ମଝିରେ ମଝିରେ ଖବର କାଗଜରେ ଆପଣଙ୍କର ନାଁ ପଢ଼ିବାର ଯୋଗ ହୁଏ । ଏଇତ ଅଳ୍ପଦିନ ତଳେ ଆପଣଙ୍କର ଭୂରି ଭୂରି ପ୍ରଶଂସା ଓ ଫଟୋ ଖବରକାଗଜର ପ୍ରଥମ ପୃଷ୍ଠା ମଣ୍ଡନ କରିଥିଲା । ଚିକିତ୍ସାରେ ଅସାଧାରଣ ସଫଳତା ଲାଭ କରିଥିଲେ ଆପଣ । ନାଁଟା ଦେଖିଦେଲା ମାତ୍ରେ ଶ୍ରଦ୍ଧା ଭକ୍ତି, ସମ୍ମାନ ଠୁଳ ହୋଇଯାଏ ମନରେ । ଆପଣଙ୍କ କ୍ଲିନିକ୍‌ରୁ ଫେରିଥିବା ରୋଗୀମାନେ ଖୁବ୍ ପ୍ରଶଂସା କରନ୍ତି । ଆଶ୍ୱାସନା, ସେବାଯତ୍ନ ଯେ ରୋଗମୁକ୍ତ କରିଦେଇଛି, ଏକଥା କହିବୁଲନ୍ତି । ବିଶ୍ୱାସ ଓ ବଳ ମନରେ ରୋଗ ମୁକ୍ତ ହେବାକୁ ପ୍ରତ୍ୟୟ ଆଣେ । | </p> |

**</body></text>**
**</Doc>**